بسم الله الرحمن الرحيم

**୧୦ ମଇ ୨୦୧୯ ଖୁତବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ୍ ବୟତୁଲ୍ ଫୁତୁହ୍, ଲଣ୍ଡନ**

କୁରଆନ ସହ ପବିତ୍ର ରମଜାନ (ମାସ)ର ଏକ ବିଶେଷ ସମ୍ପର୍କ ରହିଛି, ଏହି ମାସରେ ରୋଜା ରଖିବା ସହିତ କୁରଆନ ପାଠ କରିବା ଓ ସେଥିରେ ଗଭୀର ଅନୁଧ୍ୟାନ କରିବା ତଥା ଏଥିରେ ଥିବା ନିର୍ଦ୍ଦେଶାବଳୀ ସନ୍ଧାନ କରିବା, ସେଥିଅନୁଯାୟୀ ଅମଳ କରିବାକୁ ଚେଷ୍ଟା କରିବା ଉଚିତ୍ ଯଦ୍ୱରା ଆମେ ରମଜାନର ରୋଜାରୁ ସଠିକ୍ ରୂପେ ଉପକୃତ ହୋଇପାରିବା । ଜମାଅତ ଯେଉଁ ଯେଉଁ ସ୍ଥଳେ ଅର୍ଥାତ ମସଜିଦ୍‌ରେ ଦରସର ପ୍ରବନ୍ଧ କରିଥିବେ ସେଥିରୁ ଉପକୃତ ହେବା । ସେହିପରି ଏମ.ଟି.ଏରେ ମଧ୍ୟ ନିୟମିତ ଭାବରେ ଦରସର (ପ୍ରସାରଣ) ବ୍ୟବସ୍ଥା ରହିଛି, ସେଥିରୁ ମଧ୍ୟ ଉପକୃତ ହେବା ଜରୁରୀ ।

ତଶହୁଦ୍, ତଉଜ ଓ ସୁରେ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ ନିମ୍ନୋକ୍ତ ପବିତ୍ର କୁରଆନର ପଂକ୍ତି ପାଠ କରି ଏହାର ଅନୁବାଦ ଉପସ୍ଥାପନ କଲେ- **ୟାଅୟୁହଲ୍ ଲଜିନା ଆମନୁ କୁତିବା ଆଲୈକୁମୁସ୍ ସିୟାମୁ କମା କୁତିବା ଆଲଲ୍ ଲଜିନା ମିନ୍ କବ୍‌ଲିକୁମ୍ ଲଅଲ୍ ଲକୁମ୍ ତତ୍‌ତକୁନ୍ । ଅୟାମୁମ୍ ମାଦୁଦାତ୍ ଫମନ୍ କାନା ମିନ୍‌କୁମ୍ ମରିଜନ୍ ଅଓ୍ୱ ଅଲା ସଫରିନ୍ ଫଇଦ୍ ଦତୁମ୍ ମିନ୍ ଅୟାମିନ୍ ଉଖର । ଓ୍ୱ ଅଲ୍ଲଲଜିନା ୟୁତିକୁନହୁ ଫିଦୟାତୁନ୍ ତାଆମୁ ମିସ୍‌କିନ୍ । ଫମନ୍ ତତଓ୍ୱା ଖୈରନ୍ ଫହୁଓ୍ୱା ଖୈରୁଲ୍ ଲହୁ । ଓ୍ୱଅନ୍ ତସୁମୁ ଖୈରୁଲ୍ ଲକୁମ୍ ଇନ୍ କୁନ୍‌ତୁମ୍ ତାଲମୁନ୍ । ଶହ୍‌ରୁ ରମଜାନଲ୍ ଲଜିଉନ୍‌ଜିଲା ଫିହିଲ୍ କୁରଆନ୍ ହୁଦଲ୍ ଲିନ୍‌ନାସି ଓ୍ୱ ବୈଇନାତିମ୍ ମିନଲ୍ ହୁଦା ଓ୍ୱଲ୍ ଫୁରକାନ୍ । ଫମନ୍ ଶହିଦା ମିନ୍‌କୁମୁଶ୍ ଶହରା ଫଲ୍ ୟସୁମ୍ । ଓ୍ୱମନ୍ କାନା ମରିଜନ୍ ଅଓ୍ୱଅଲା ସଫରିନ୍ ଫଇଦ୍‌ଦତୁମ୍ ମିନ୍ ଅୟାମିନ୍ ଉଖର୍ । ୟୁରିଦୁଲ୍ଲାହୁ ବିକୁମୁଲ୍ ୟୁସରା ଓ୍ୱଲା ୟୁରିଦୁବିକୁମୁଲ୍ ଉସରା । ଓ୍ୱଲିତୁକ୍ ମିଲୁଲ୍ ଇଦ୍‌ଦତା ଓ୍ୱଲି ତୁକବ୍‌ବିରୁଲ୍ଲାହା ଅଲା ମାହଦାକୁମ୍ ଓ୍ୱଲଅଲ୍ଲକୁମ୍ ତଶ୍‌କୁରୁନ୍ । ଓ୍ୱଇଜା ସାଅଲକା ଇବାଦି ଅନ୍ନି ଫଇନ୍ନି କରିବ୍ ଉଜିବୁ ଦାଅତଦ୍‌ଦାଇ ଇଜାଦାନି ଫଲ୍‌ୟସ୍‌ତଜିବୁଲି ଓ୍ୱଲ୍‌ୟୁମିନୁବି ଲଅଲ୍ଲହୁମ୍ ୟରଶୁଦୁନ୍ । (ସୁରେ ବକରା-୧୮୪ରୁ୧୮୭)** ଅର୍ଥାତ ହେ ବିଶ୍ୱାସକାରୀମାନେ ! ତୁମମାନଙ୍କ ଉପରେ ଆମେ ରୋଜା ରଖିବା (ସେହିପରି) ଧାର୍ଯ୍ୟ କରାଯାଇଛି ଯେପରି ତୁମମାନଙ୍କ ପୂର୍ବବର୍ତୀ ଲୋକମାନଙ୍କ ଉପରେ ଧାର୍ଯ୍ୟ କରାଯାଇଥିଲା । ଫଳରେ ତୁମେମାନେ ଧର୍ମପରାୟଣ ହେବ ଏବଂ ଆଧ୍ୟାତ୍ମିକ ଓ ନୈତିକ ଦୁର୍ବଳତାରୁ ରକ୍ଷା ପାଇବ । ସୁତରାଂ ତୁମେମାନେ ରୋଜା ରଖ କେତେକ ନିର୍ଦ୍ଦିଷ୍ଟ ଦିନରେ ଏବଂ ତୁମମାନଙ୍କ ମଧ୍ୟରେ ଯେଉଁମାନେ ପୀଡ଼ିତ ଥିବେ ଅବା ଯାତ୍ରା କରୁଥିବେ ତେବେ (ତାହାକୁ) ଅନ୍ୟଦିନରେ ଉକ୍ତ ସଂଖ୍ୟା (ରୋଜା) ପୂରଣ କରିବାକୁ ହେବ ଏବଂ ଯେଉଁମାନେ ଏହାର ସାମର୍ଥ ଅର୍ଥାତ ରୋଜା ରଖିବାର ଶକ୍ତି ରଖୁନଥିବେ (କ୍ଷତିପୂରଣ ସ୍ୱରୂପ) ନିଜ ସାମର୍ଥାନୁଯାୟୀ ଜଣେ ଦରିଦ୍ରଲୋକଙ୍କୁ ଖାଇବା ଦେବା ବିଧେୟ ଅଟେ । ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ଆଜ୍ଞାପାଳନ କରି କୌଣସି ପୁଣ୍ୟ କାର୍ଯ୍ୟ କରିବ ଏହା ତା ପକ୍ଷେ ଉତ୍କୃଷ୍ଟ ହେବ ଏବଂ ଯଦି ତୁମେ ଜାଣିଥାଅ ତେବେ ବୁଝିପାରିବ ଯେ ରୋଜା ରଖିବା ତୁମମାନଙ୍କ ପକ୍ଷରେ ଫଳପ୍ରଦ । ରମଜାନର ମାସ ହେଉଛି ସେହିମାସ ଯହିଁରେ ପବିତ୍ର କୁରଆନ ଅବତୀର୍ଣ୍ଣ ହୋଇଅଛି । ଯାହା ସମସ୍ତ ଲୋକମାନଙ୍କ ପାଇଁ ସତ୍‌ପଥ ପ୍ରଦର୍ଶକ ରୂପେ ପ୍ରେରିତ ହୋଇଅଛି । ଯହିଁରେ ପ୍ରକାଶ୍ୟ ପ୍ରମାଣମାନ ରହିଅଛି, ଏପରି ପ୍ରମାଣ ଯାହା ସତ୍‌ପଥ ପ୍ରଦର୍ଶିତ କରେ ଏବଂ ତତ୍‌ସଙ୍ଗେ ପବିତ୍ର କୁରଆନ୍‌ରେ ଅଲ୍ଲାଃଙ୍କର ନିଦର୍ଶନମାନ ମଧ୍ୟ ରହିଅଛି । ସୁତରାଂ ତୁମମାନଙ୍କ ମଧ୍ୟରୁ ଯେ କେହି ଏହି ମାସକୁ ଏପରି ଅବସ୍ଥାରେ ପାଏ କି ନା ସେ ପୀଡ଼ିତ ଅବା ଯାତ୍ରା କରୁଥିବ ତେବେ ତାହା ପାଇଁ ସେହି ମାସରେ ରୋଜା ରଖିବା ଉଚିତ୍ ଏବଂ ଯେ ପୀଡ଼ିତ ଅବା ଯାତ୍ରା କରୁଥାଏ ତାହାକୁ ଅନ୍ୟ ଦିନରେ ଏହି ସଂଖ୍ୟା ପୂରଣ କରିବା ଅପରିହାର୍ଯ୍ୟ । ଅଲ୍ଲାଃତାଲା ତୁମମାନଙ୍କ ନିମନ୍ତେ ସହଜତା ଇଚ୍ଛା କରନ୍ତି ଏବଂ ତୁମମାନଙ୍କ ପାଇଁ କଠିନତା ଇଚ୍ଛା କରନ୍ତି ନାହିଁ । ଏହି ଆଦେଶ ଏଥିପାଇଁ ଦିଆଯାଇଛି କି ତୁମେ କଠିନତାରୁ ରକ୍ଷା ପାଅ ଏବଂ ତୁମେ ଗଣତି ପୂରଣ କରିପାରିବ ତଥା ଅଲ୍ଲାଃଙ୍କ ତୁମମାନଙ୍କୁ ସତ୍‌ପଥ ଦେଖାଇଥିବାରୁ ତାଙ୍କ ମହିମା ଗାନ କର । ଫଳରେ ତୁମେମାନେ ତାଙ୍କର କୃତଜ୍ଞ ହେବ । ହେ ରସୁଲ୍ ! ଯେବେ ଆମ୍ଭ ଭକ୍ତମାନେ ତୁମକୁ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ କୁହ ଆମ୍ଭେ

ସେମାନଙ୍କ ନିକଟରେ ଅଛୁ । ଯେତେବେଳେ ପ୍ରାର୍ଥନାକାରୀ ଆମ୍ଭ ନିକଟରେ ପ୍ରାର୍ଥନା କରନ୍ତି ଆମ୍ଭେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ । ସୁତରାଂ ଆମ୍ଭ ଆଦେଶ ଗ୍ରହଣ କରିବା ଓ ଆମ୍ଭ ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ଉପରେ ବିଧେୟ ବସ୍ତୁତଃ ସେମାନେ ସତ୍‌ପଥଗାମୀ ହେବେ ।

ହଜୁର ଅନଓ୍ୱର ଅ.ବ କହିଲେ- ଉକ୍ତ ପଂକ୍ତିରେ ଅଲ୍ଲାଃତାଲା ରୋଜା ରଖିବାର ବୈଦ୍ଧତା, ତାହାର ଗୁରୁତ୍ୱ ତଥା ଏହି ମାସରେ ମୋମିନ୍‌ମାନଙ୍କ କର୍ତବ୍ୟ ଓ ଦୁଆ ସ୍ୱୀକାର ହେବାର ମାର୍ଗ ଦର୍ଶାଇଛନ୍ତି । ସେ ଆମମାନଙ୍କ ସକାଶେ ଏକ ଏପରି ମାସ ଧାର୍ଯ୍ୟ କରିଛନ୍ତି ଯେଉଁଥିରେ କି ସେ ନିଜ ଭକ୍ତମାନଙ୍କର ଅତି ନିକଟତର ହୋଇଥାନ୍ତି ଏବଂ ଶୈତାନକୁ କବଳିତ କରିଦେଇଥାନ୍ତି । ଅତଃ ଯେତେବେଳେ ଅଲ୍ଲାଃଙ୍କ ନିକଟରୁ ଭକ୍ତମାନଙ୍କ ଉପରେ ଏଭଳି ଦୟା କରୁଣା ଓ କୃପାର ଦ୍ୱାର ଉନ୍ମୁକ୍ତ କରାଯାଏ ତେବେ ଆମ୍ଭମାନଙ୍କୁ କିଭଳି ଭାବରେ ଅଲ୍ଲାଃତାଲାଙ୍କ ଉପଦେଶାବଳୀ ଶୁଣି ରୋଜାର କର୍ତବ୍ୟ ସମ୍ପାଦନ କରିବାକୁ ଚେଷ୍ଟା କରିବା ଉଚିତ୍ । ଏକ ଅବସରରେ ହଜରତ ମହମ୍ମଦ ସ.ଅ କହିଲେ- ଯଦି ତୁମମାନଙ୍କୁ ଜ୍ଞାତ ହୁଏ କି ରମଜାନର କି କି ବିଶେଷତା ରହିଛି ଓ ଅଲ୍ଲାଃତାଲା ନିଜ ଭକ୍ତ ସହ କିଭଳି ଏବଂ କେଉଁ ସ୍ତରର ଦୟା ଆଚରଣ କରିବାକୁ ଚାହୁଁଛନ୍ତି ତେବେ ତୁମେ ବର୍ଷ ସାରା ରମଜାନ ହେବାର କାମନା କରନ୍ତ । ଯଦ୍ୱାରା ଆମେ ବର୍ଷ ସାରା ଅଲ୍ଲାଃଙ୍କ କୃପା ହାସଲ କରିପାରନ୍ତେ । ସୁତରାଂ ରୋଜା ଆମମାନଙ୍କ ଉପକାର ନିମନ୍ତେ ଅଲ୍ଲାଃ ଧାର୍ଯ୍ୟ କରିଛନ୍ତି । ରୋଜା (ରଖିବା) ଦ୍ୱାରା ଆମେ ଆଧାତ୍ମିକ ଓ ଶାରୀରିକ ଉଭୟ ପ୍ରକାର ଉପକାର ଲାଭ କରିଥାଉ । ରୋଜା ରଖିବା ଦ୍ୱାରା ଯେଉଁସ୍ଥଳେ ଆମର ଶାରୀରର ଉପକାର ସାଧିତ ହୋଇଥାଏ ସେହିସ୍ଥଳେ ତା'ଠାରୁ ବେଶ୍ ଅଧିକ ଆଧାତ୍ମିକ ଉନ୍ନତି ସାଧିତ ହୋଇଥାଏ । ଅତଃ ଆମ୍ଭମାନଙ୍କୁ ଅଲ୍ଲାଃଙ୍କ ଏହି ଆଦେଶ ମୁତାବକ ଅମଳ କରି ରମଜାନ ମାସରେ ଆଧାତ୍ମିକତାରେ ଉନ୍ନତି କରିବାକୁ ପୂର୍ଣ୍ଣ ପ୍ରଚେଷ୍ଟା କରିବା ଉଚିତ୍ । ଉପରୋକ୍ତ ପଂକ୍ତିରେ ଯେଉଁ କଥା ବର୍ଣ୍ଣନା କରାଯାଇଛି ତାହା ଏହି କି ଯେ, ଜଣେ ମୋମିନ୍ ଓ ପ୍ରତ୍ୟେକ ମୁସଲମାନ ଉପରେ ରୋଜା ରଖିବା ବୈଧ ଅଟେ । ହଜରତ ମସିହ ମଉଦ ଅ.ସ କୁହନ୍ତି- ଏଥିରେ ଅଲ୍ଲାଃଙ୍କ ଉଦ୍ଦେଶ୍ୟ ଗୋଟିଏ ଖାଦ୍ୟକୁ କମ୍ କର ଓ ଅନ୍ୟଟିକୁ ବଢାଅ । ସର୍ବଦା ଜଣେ ରୋଜାଦାରକୁ ମନେରଖିବା ଉଚିତ୍ ଯେ ରୋଜା ରଖିବାର ଅର୍ଥ ମାତ୍ର ଏତିକି ନୁହେଁ ଯେ ଜଣେ ଭୋକ ଉପାସ ବରଦାସ୍ତ କରୁ ବରଂ ତାହାକୁ ଆବଶ୍ୟକ କି ସେ ଅଲ୍ଲାଙ୍କ ଗୁଣଗାନ କରିବାରେ ଲାଗିରହୁ ଯଦ୍ୱାରା (ସାଂସାରିକ ମୋହମାୟା)ଠାରୁ ସମ୍ପର୍କ ତୁଟେଇବା ସହଜ ସାଧ୍ୟ ହେବ । ଆପଣ ଆହୁରି କୁହନ୍ତି ଅତଏବ ରୋଜା ରଖିବାରେ ଏତିକି ଉଦ୍ଦେଶ୍ୟ ରହିଛି କି ମଣିଷ ଗୋଟିଏ ରୋଟି ଯାହାକି ଶରୀରକୁ ସୁସ୍ଥ ରଖିଥାଏ, ଛାଡ଼ି ଅନ୍ୟ ଗୋଟିଏ ରୋଟିକୁ ହାସଲ କରିବାକୁ ଚେଷ୍ଟା କରିବା ଯାହା ଆତ୍ମ ତୃପ୍ତି ଓ ଶାନ୍ତି ପ୍ରଦାନକାରୀ ଅଟେ । ଯେଉଁମାନେ କେବଳ ଅଲ୍ଲାଃଙ୍କ ଖାତିର ରୋଜା ରଖିଥାନ୍ତି ଓ ରୀତିପ୍ରଥାର ପାଳନ କରିବାକୁ ଯାଇ (ଉପବାସ) ରଖିନଥାନ୍ତି, ସେମାନଙ୍କୁ ଆବଶ୍ୟକ କି ଅଲ୍ଲାଃତାଲାଙ୍କ ଗୁଣଗାନ ଓ ତାଙ୍କ ସାନିଧ୍ୟ ପ୍ରାପ୍ତ କରିବାରେ ମଗ୍ନ ରୁହନ୍ତୁ ।

ଅଲ୍ଲାଃତାଲା ରୋଜାର ଉଦ୍ଦେଶ୍ୟ ଧର୍ମପରାୟଣ ହେବା ଦର୍ଶାଇଛନ୍ତି ଏବଂ ଧର୍ମପରାୟଣତା ସମ୍ବନ୍ଧରେ ହଜରତ ମସିହ ମଉଦ ଅ.ସ କୁହନ୍ତି- **ଧର୍ମପରାୟଣ ହେବା ନିମନ୍ତେ ଆବଶ୍ୟକ କି ମନ୍ଦ କାର୍ଯ୍ୟକଳାପରୁ ନିବୃତ ରହି ତାହା ମୁକାବିଲାରେ ପୁଣ୍ୟ କର୍ମରେ ଉନ୍ନତି କରିବା । ଲୋକମାନଙ୍କ ସହ ବିନମ୍ର ଆଚରଣ କରିବା,** ଈଶ୍ୱରଙ୍କ ସହ ନିଷ୍ପାପର, ବିଶ୍ୱସ୍ତ ଓ ସଚ୍ଚୋଟତାର ପ୍ରଦର୍ଶନ କରିବା । ଏତତ୍ ଦ୍ୱାରା ଜଣେ ଧର୍ମନିଷ୍ଠ ବୋଲାଇଥାଏ । ଅଲ୍ଲାଃତାଲା ଏପରି ଲୋକମାନଙ୍କ ମିତ୍ର ହୋଇଯାଇଥାନ୍ତି ଯେପରିକି ସେ କୁହନ୍ତି- **ୱହୁଓ୍ୱା ୟତଓଲ୍ଲସ୍ ସାଲିହିନ୍** ପବିତ୍ର ହଦିସ୍‌ରେ ଉଲ୍ଲେଖ ରହିଛି ଅଲ୍ଲାଃତାଲା ସେମାନଙ୍କର ଭୁଜା ହୋଇଯାଇଥାଏ ଯାହା ମାଧ୍ୟମରେ ସେମାନେ ଧରିଥାନ୍ତି, ସେମାନଙ୍କ ଚକ୍ଷୁ ହୋଇଯାଇଥାଏ ଯାହା ମାଧ୍ୟମରେ ସେମାନେ ଦେଖିଥାନ୍ତି, ସେମାନଙ୍କ କର୍ଣ୍ଣ ହୋଇଯାଇଥାଏ ଯାହା ମାଧ୍ୟମରେ ସେମାନେ ଶୁଣିଥାନ୍ତି, ସେମାନଙ୍କ ପାଦ ହୋଇଥାଏ ଯାହା ଦ୍ୱାରା ସେମାନେ ଆଗକୁ ବଢିଚାଲିଥାନ୍ତି ।

ହଜରତ ଅବୁହୁରେରାଃ ର.ଅ ବର୍ଣ୍ଣନା କରନ୍ତି ହଜରତ ମହମ୍ମଦ ସ.ଅ କହିଲେ ରୋଜାକୁ ବାଦ ଦେଇ ମଣିଷର ସମସ୍ତ କାର୍ଯ୍ୟ ତାହାର ନିଜ ପାଇଁ ହୋଇଥାଏ କିନ୍ତୁ ରୋଜା ସେ ମୋ ପାଇଁ ରଖିଥାଏ । ଆହୁରି କହିଲେ କି ମୁଁ ତାହାର ପରିଣାମ ପ୍ରଦାନ କରିଥାଏ । ଅର୍ଥାତ ନିଜ ତରଫରୁ ଯାହା ଇଚ୍ଛା ପ୍ରଦାନ କରିଥାଏ । ହଜରତ ମହମ୍ମଦ ସ.ଅ କହିଲେ ରୋଜା ଏକ

କବଚ । ଅତଃ ଯେତେବେଳେ ତୁମମାନଙ୍କ ମଧ୍ୟରୁ କେହି ରୋଜା ରଖିଥିବ ସେତେବେଳେ ନା ସେ ଯୋନି ସମ୍ବନ୍ଧୀୟ କଥାବାର୍ତ୍ତା ନା ଗାଳିଗୁଲୋଜ କରିବା ଉଚିତ୍ । ଯଦି ତାଙ୍କୁ କେହି ଗାଳିଗୁଲୋଜ କରେ ଅବା ତାହା ସହ ଝଗଡ଼େ ତେବେ ଉତରରେ ତାହାକୁ କହିବା ଉଚିତ୍ କି ମୁଁ ତ ରୋଜାଦାର ଅଟେ । ଏଥିଅନ୍ତେ ହଜରତ ମହମ୍ମଦ ସ.ଅ କହିଲେ- ସେହି ସର୍ବଶକ୍ତିମାନଙ୍କ ରାଣ ଯାହାଙ୍କ ହସ୍ତରେ ମହମ୍ମଦ ସ.ଅଙ୍କ ଜୀବନ ନାଟିକା ରହିଛି ରୋଜାଦାରର ମୁଖର ଗନ୍ଧ ଅଲ୍ଲାଃଙ୍କ ନିକଟରେ କସ୍ତୁରୀ ଠାରୁ ଅଧିକ ସୁଗନ୍ଧିତ । ହଜୁର ସ.ଅ କହିଲେ ରୋଜାଦାର ନିମନ୍ତେ ଦୁଇଟି ସୁସମ୍ବାଦ ରହିଛି **ପ୍ରଥମ** ଯେତେବେଳେ ସେ ରୋଜା ଖୋଲିଥାଏ, ଆନନ୍ଦିତ ହୋଇଥାଏ । **ଦ୍ୱିତୀୟରେ** ଯେତେବେଳେ ସେ ନିଜ ପାଳନକର୍ତ୍ତା ସହ ସାକ୍ଷାତ କରିବ ସେତେବେଳେ ରୋଜା ରଖିଥିବା ଯୋଗୁଁ ଆନନ୍ଦିତ ହେବ । ଅତଃ ଏହା ଧର୍ମପରାୟଣତାର ସେହି ସ୍ତର ଯାହାକି ଜଣେ ନିଷ୍ଠାପର ରୋଜାଦାରକୁ ହାସଲ କରିବାକୁ ଚେଷ୍ଟା କରିବା ଉଚିତ୍ । ସମସ୍ତ ପ୍ରକାର ଆଧ୍ୟାତ୍ମିକ ଓ ଚାରିତ୍ରିକ ଦୁର୍ବଳତାରୁ ନିଜକୁ ରକ୍ଷା କରି ରୋଜାଦାର ନିଜ ଦିନ ଅତିବାହିତ କରନ୍ତୁ । ହଜରତ ମହମ୍ମଦ ସ.ଅ କହିଲେ- ଯଦି ଏହି ମାସରେ ଶୈତାନକୁ କଏଦ କରିଦିଆଯାଇଥାଏ, ତେବେ ସଂସାରରେ ରମଜାନ ମାସରେ ଅପକର୍ମ କିଭଳି ଅବ୍ୟାହତ ରହିଥାଏ ? ରୋଜା ସେହିମାନଙ୍କ ନିମନ୍ତେ କବଚ ହୋଇଥାଏ, ସେହିମାନଙ୍କୁ ଶୈତାନର କବଳରୁ ରକ୍ଷା କରିଥାଏ ଯେ ରୋଜାର ବାସ୍ତବିକତାକୁ ବୁଝି ଧର୍ମପରାୟଣ ହୋଇଥାନ୍ତି । ଅତଃ ଏହା ସେହି ମୂଳ ଉଦ୍ଦେଶ୍ୟ ଯାହାକି ଆମ୍ଭମାନଙ୍କୁ ପ୍ରତ୍ୟେକ ମୂହୁର୍ତ୍ତରେ ନିଜ ସମ୍ମୁଖରେ ରଖିବା ଉଚିତ୍ ନଚେତ୍ ହଜରତ ମହମ୍ମଦ ସ.ଅ ଆମ୍ଭକୁ ଏହି ଭୟାବହ ଖବର ସମ୍ବନ୍ଧରେ ମଧ୍ୟ ସୂଚିତ କରିଦେଇଛନ୍ତି କି ଯଦି କେହି ରମଜାନକୁ ପାଇବା ସତ୍ୱେ ନିଜର ଦୋଷ କ୍ଷମା କରେଇନପାରେ ଏବଂ ଅଲ୍ଲାଃତାଲାଙ୍କ ଏଭଳି ପ୍ରଶସ୍ତ ଦୟାର ଚଦରରୁ ନିଜର କ୍ଷମା ପ୍ରାପ୍ତି କରେଇନପାରେ, ତେବେ ଆଉ କେବେ କରେଇବ ? **ଅତଃ ଆମ୍ଭେ ରମଜାନ ମାସର ଆଗମନରେ କେବଳ ଆନନ୍ଦିତ ହୋଇ ପରସ୍ପରକୁ ରୋଜାର ଶୁଭେଚ୍ଛା ଦେବାରେ ସୀମିତ ରହିନଯାଉ ବରଂ ଆମ୍ଭକୁ ନିଜ ଆତ୍ମସମିକ୍ଷା କରିବା ଉଚିତ୍ କି କ'ଣ ଆମ୍ଭେ ରୋଜାର ଉଦ୍ଦେଶ୍ୟ ହାସଲ କରିବାକୁ ଚେଷ୍ଟା କରୁଅଛେ ଅବା ନାହିଁ ।** ଅଲ୍ଲାଃତାଲା ଆମ୍ଭ ସମସ୍ତଙ୍କୁ ଏହି ଉଦ୍ଦେଶ୍ୟ ହାସଲ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ନିଜ ଦୟା ଓ କ୍ଷମାର ଚଦରରେ ଆମ୍ଭମାନଙ୍କୁ ଘୋଡ଼େଇ ରଖନ୍ତୁ ।

ପୁଣି ପରବର୍ତ୍ତୀ ପଂକ୍ତିରେ ଏହା ଦର୍ଶାଇଛନ୍ତି କି କେଉଁ ଅବସ୍ଥାରେ ତୁମେ ରୋଜାରୁ ମୁକ୍ତି ହାସଲ କରିପାରିବ । ଅଲ୍ଲାଃତାଲା କୁହନ୍ତି ଏହା ଗଣତିର ମାତ୍ର କେଇଟା ଦିନ । ଆହୁରି କହିଲେ କି ଏହା ତୁମର କୌଣସି ବହୁତ ବଡ଼ ବଳିଦାନ ନୁହେଁ । ପୁନଶ୍ଚ କହିଲେ ଏତତ୍ ଦ୍ୱାରା ଅଲ୍ଲାଃତାଲା ତୁମକୁ ନିଜ କରୁଣା ପ୍ରାଦାନ କରିଥାନ୍ତି, ଏହି ଗଣତିର କେଇଟା ଦିନରେ ମଧ୍ୟ ଯଦି ତୁମେ କୌଣସି ରୋଗରେ ଆକ୍ରାନ୍ତ ହୋଇଯାଅ ଅବା ତୁମକୁ ଯାତ୍ରା କରିବାକୁ ପଡ଼େ ତେବେ ସେହି ଦିନମାନଙ୍କରେ ତୁମେ ରୋଜାରୁ ବନ୍ଧନମୁକ୍ତ କିନ୍ତୁ ଉକ୍ତ ସଂଖ୍ୟା ଅର୍ଥାତ ରହିଯାଇଥିବା ରୋଜା ବର୍ଷକ ମଧ୍ୟରେ ପୂରଣ କରିବାକୁ ହେବ ଏବଂ ଯେ ଚିରରୋଗାଗ୍ରସ୍ତ ଏବଂ ଯାହାଙ୍କୁ ଡ଼ାକ୍ତର ରୋଜା ନରଖିବାକୁ ପରାମର୍ଶ ଦେଇଥାନ୍ତି, ସେହିମାନେ ଜଣେ ଦରିଦ୍ରକୁ ରୋଜା ରଖାଇବେ । ହଜରତ ମସିହ ମଉଦ ଅ.ସ କୁହନ୍ତି ଏକଦା ମୋ ମନରେ ଏହି ପ୍ରଶ୍ନ ଉତ୍ପନ୍ନ ହେଲା କି ଫିଦୟା କେଉଁଥିପାଇଁ ଧାର୍ଯ୍ୟ କରାଯାଇଛି ? (ଚିନ୍ତା କରିବାରୁ) ଜଣାପଡ଼ିଲା ରୋଜା ରଖିବା ପାଇଁ ସାମର୍ଥ ପ୍ରାପ୍ତ କରିବାକୁ । ଆପଣ କୁହନ୍ତି ଅଲ୍ଲାଃ ତ ସମସ୍ତ ଶକ୍ତିର ଅଧିକାରୀ ଯଦି ସେ ଇଚ୍ଛା କରନ୍ତି ତେବେ ଜଣେ କ୍ଷୟଜ୍ୱର, ଟି.ବିରେ ଆକ୍ରାନ୍ତ ରୋଗୀକୁ ମଧ୍ୟ ସ୍ୱାସ୍ଥ୍ୟବାନ କରିଦେଇଥାନ୍ତି । ଆପଣ କୁହନ୍ତି ଫିଦୟା ଦେବାରେ ଏହି ଉଦ୍ଦେଶ୍ୟ ରହିଛି କି ସାମର୍ଥ ପ୍ରାପ୍ତ ହେବ ଏବଂ ଏହା କେବଳ ଅଲ୍ଲାଃଙ୍କ କୃପା ବଳରେ ହିଁ ସମ୍ଭବ । ଆପଣ କୁହନ୍ତି ଯେ ସ୍ୱାସ୍ଥ୍ୟବାନ ହେବା ଅନ୍ତେ ରୋଜା ରଖିବାକୁ ସକ୍ଷମ ହୋଇଥାନ୍ତି ସେମାନଙ୍କ ନିମନ୍ତେ କେବଳ ଫିଦୟା ଦେଇ (ରୋଜାରୁ) ମୁକ୍ତି ପାଇବାର ଚିନ୍ତା କରିବା ବିଧିବଦ୍ଧତାର ଦ୍ୱାର ଉନ୍ମୁକ୍ତ କରିବା ଏବଂ ଅଯଥା ଅନୁମତି ଓ ମନ୍ଦ ପରମ୍ପରାର ପ୍ରଚଳନ କରିବା ଅଟେ । ଯଦି ରମଜାନରେ ଫିଦୟା ମଧ୍ୟ ଦେଉଥାନ୍ତି ତେବେ ସୁଧା ରମଜାନ ଅନ୍ତେ ବର୍ଷକ ମଧ୍ୟରେ ରୋଜା ରଖିବା ଜରୁରୀ ଅଟେ । ହଁ ଚିରରୋଗୀ ଓ ସ୍ତନ୍ୟପାନ କରାଉଥିବା ମହିଳା, ଗର୍ବବତୀ ମହିଳାମାନଙ୍କ ପାଇଁ କେବଳ ଫିଦୟା ଦେବା ଯଥେଷ୍ଟ କିନ୍ତୁ ଫିଦୟା ସହିତ ଉକ୍ତ ମାସରେ ଉପାସନା ଓ ଅଲ୍ଲାଃଙ୍କ ଗୁଣଗାନ କରିବା ତଥା ଅନ୍ୟ ପୁଣ୍ୟକର୍ମ ଅବ୍ୟାହତ ରଖିବା ଜରୁରୀ ଅଟେ । ଏହା ନୁହେଁ କି ଫିଦୟା ଦେଲା ପରେ ଆମେ

ସମସ୍ତ ଜିନିଷରୁ ମୁକ୍ତି ପାଇଗଲେ ।

ଆପଣ କୁହନ୍ତି ଅଲ୍ଲାଃତାଲା ଉକ୍ତ ପଂକ୍ତିରେ କହିଛନ୍ତି କି ଯେକୌଣସି ପୁଣ୍ୟ ତୁମେ ସମ୍ପୂର୍ଣ୍ଣ ଆଜ୍ଞାବହତାର ସହ ସମ୍ପାଦନ କରିବ ଅଲ୍ଲାଃ ତାହାର ଉତମ ଫଳ ନିଶ୍ଚିତ ପ୍ରଦାନ କରିବେ । ଏହାର ପରବର୍ତୀ ପଂକ୍ତିରେ ଅଲ୍ଲାଃତାଲା କହିଛନ୍ତି କି ଏହି (ପବିତ୍ର) ମାସରେ ଆମେ କୁରଆନ ଅବତୀର୍ଣ୍ଣ କରିଅଛୁ ଯାହାକି ତୁମମାନଙ୍କୁ ସତ୍‌ପଥ ପ୍ରଦର୍ଶନ କରିଥାଏ ଏବଂ ଯହିଁରେ ପ୍ରକାଶ୍ୟ ପ୍ରମାଣ ଓ ନିଦର୍ଶନମାନ ରହିଅଛି । ଅତଃ କୁରଆନର ପବିତ୍ର ରମଜାନ ମାସ ସହ ଏକ ବିଶେଷ ସମ୍ପର୍କ ରହିଛି । ଏହି ମାସରେ ରୋଜା ରଖିବା ସହିତ କୁରଆନର ଅଧ୍ୟୟନ କରିବା, ଏହାର ଗଭୀର ଅନୁଧ୍ୟାନ କରିବା ଏଥିରେ ରହିଥିବା ନିର୍ଦ୍ଦେଶାବଳୀର ସନ୍ଧାନ କରିବା ଏଥିମୁତାବକ ଅମଳ କରିବାକୁ ଚେଷ୍ଟା କରିବା ଉଚିତ୍ । ଯଦ୍ୱାରା ଆମେ ରମଜାନର ରୋଜାରୁ ପ୍ରକୃତପକ୍ଷେ ଉପକୃତ ହୋଇପାରିବା । ପ୍ରତ୍ୟେକ ବ୍ୟକ୍ତି କୁରଆନର ଭାବାର୍ଥର ଗଭୀରତାକୁ ପାଇପାରି ନଥାନ୍ତି, ତେଣୁକରି କୁରଆନର ତିଲାଓ୍ୱତ୍ ଓ ଅନୁବାଦ ପାଠ କରିବା ସହିତ ଜମାଅତର ଯେଉଁ ଯେଉଁ ସ୍ଥାନରେ ଅର୍ଥାତ ମସଜିଦ୍‌ରେ ଦରସର ପ୍ରବନ୍ଧ କରାଯାଇଥିବ ସେଥିରୁ ଉପକୃତ ହେବା ଉଚିତ୍ । ସେହିପରି ଏମ.ଟି.ଏରେ ମଧ୍ୟ ନିୟମିତ ଭାବରେ ଦରସର (ପ୍ରସାରଣ) ବ୍ୟବସ୍ଥା ରହିଛି, ସେଥିରୁ ମଧ୍ୟ ଉପକୃତ ହେବା ଜରୁରୀ । ହଜରତ ମହମ୍ମଦ ସ.ଅଙ୍କର ମଧ୍ୟ ଏହି ଆଦେଶ ରହିଛି କି ଏହି ମାସରେ କୁରଆନ ଅଧିକରୁ ଅଧିକ ସମୟ ଅଧ୍ୟୟନ କରିବାକୁ ଚେଷ୍ଟା କର । ଜଣେ ଅହମଦି ତ ସାମାନ୍ୟ ଦିନରେ ମଧ୍ୟ କୁରଆନ କରିମର ତିଲାଓ୍ୱତ୍ କରିବା ପ୍ରତି ବେଶ୍ ଅଧିକ ଧ୍ୟାନ କେନ୍ଦ୍ରିତ କରିଥାଏ । କିନ୍ତୁ ରମଜାନରେ ତ ବିଶେଷ ଭାବରେ ଏହାର ପ୍ରବନ୍ଧ କରିବା ଜରୁରୀ ଅଟେ ନଚେତ୍ କେବଳ ଭୋକିଲା ଶୋସିଲା ରହିବା ନିରର୍ଥକ ଅଟେ । ହଜରତ ମସିହ ମଉଦ ଅ.ସ କୁହନ୍ତି ପ୍ରକାଶ୍ୟ ଜ୍ଞାନ ଓ କୁରଆନର ଜ୍ଞାନ ଆହରଣ କରିବା ମଧ୍ୟରେ ମସ୍ତବଡ଼ ଫରକ୍ ରହିଛି । ସାଂସାରିକ ଓ ଔପଚାରିକ ଜ୍ଞାନ ଆହରଣ କରିବା ନିମନ୍ତେ ଧର୍ମପରାୟଣ ହେବା ସର୍ତ ନୁହେଁ **କିନ୍ତୁ ଐଶ୍ୱରିକ ଜ୍ଞାନ ଓ କୁରଆନର (ରହଶ୍ୟମୟ) ଜ୍ଞାନର ସନ୍ଧାନ ପାଇବା ନିମନ୍ତେ ଧର୍ମପରାୟଣ ହେବା ସର୍ତ ଅଟେ** । ଯେପର୍ଯ୍ୟନ୍ତ ଜଣେ ସମ୍ପୂର୍ଣ୍ଣ ଉତ୍ସର୍ଗତା ଓ ନମ୍ରତାର ସହ ଅଲ୍ଲାଃଙ୍କ ଆଦେଶ ପାଳନ କରିନଥାଏ ଏବଂ ତାଙ୍କ ଭବ୍ୟ ଓ ପରମ ପ୍ରତାପର ପ୍ରଭାବରେ ପ୍ରକମ୍ପିତ ଅବସ୍ଥାରେ ଆତୁର ହୋଇ ତାଙ୍କ ସମ୍ମୁଖରେ ନଇଁପଡ଼ି ନଥାଏ ଏବଂ ଯେ ନିଜ ଆତ୍ମ ଶୋଧନ କରିନଥାଏ ତେବେ ତାହାକୁ କୁରଆନ ଶରିଫ୍‌ର ଜ୍ଞାନଭଣ୍ଡାରରୁ କିଂଚିତ ମାତ୍ର ଭାଗ ମିଳିନଥାଏ । ଅହମଦିମାନଙ୍କୁ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ କି କେବଳ ସଂସାର ପ୍ରାପ୍ତିରେ ମାତି ନଯାଅ ବରଂ କୁରଆନ କରିମ୍‌ର ଜ୍ଞାନ ହାସଲ କରିବାକୁ ଚେଷ୍ଟା କରିବା ଉଚିତ୍ ।

ହଜୁର ଅନଓ୍ୱର ଅ.ବ କହିଲେ– ଏହି ପଂକ୍ତିରେ ଆଗକୁ କହିଲେ କି ରୋଜା ରଖିବା ଦିନମାନଙ୍କରେ ବିଶେଷ କରି ଅଲ୍ଲାଃତାଲାଙ୍କ ପ୍ରଶଂସାଗାନ କରିବା, ଉପାସନା କରିବାରେ ଓ କୃତଜ୍ଞତା ଜ୍ଞାପନ କରିବା କି ସେ ତୁମମାନଙ୍କ ସତ୍‌ପଥ ପ୍ରାପ୍ତି ନିମନ୍ତେ ଏଭଳି ଉତ୍କୃଷ୍ଟତର ପୁସ୍ତକ ଅବତୀର୍ଣ୍ଣ କରିଛନ୍ତି ଯାହାକି ସପୂର୍ଣ୍ଣ ଓ ସର୍ବଶ୍ରେଷ୍ଠ ଅଟେ । ପୁଣି ପରବର୍ତୀ ପଂକ୍ତିରେ ଅଲ୍ଲାଃତାଲା କହିଛନ୍ତି କି ଆମ୍ଭ ଭକ୍ତମାନେ ଆମ୍ଭକୁ ପାଇବା ନିମନ୍ତେ ତୁମକୁ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରିବେ ଏବଂ ରମଜାନ ମାସରେ ପୂର୍ବ ଅପେକ୍ଷା ଏହି କାର୍ଯ୍ୟରେ ଅଧିକ ଉତ୍କଣ୍ଠିତ ପ୍ରକାଶ ପାଏ ତେବେ ତୁମ୍ଭେ କହିଦିଅ ଯେ, ଆମ୍ଭେ ସେମାନଙ୍କ ନିକଟରେ ଅଛୁ । ଯେତେବେଳେ ସେମାନେ ନିଷ୍ଠାର ସହ ଆମ୍ଭ ନିକଟରେ ପ୍ରାର୍ଥନା କରନ୍ତି ଆମ୍ଭେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ । କିନ୍ତୁ ଦୁଆ ସ୍ୱୀକାର କରିବା ନିମନ୍ତେ ଜରୁରୀ କି ପ୍ରାର୍ଥନାକାରୀ ଆମ୍ଭର ଆଦେଶ ପାଳନ କରନ୍ତୁ । ହଜୁର ଅନଓ୍ୱର ଅ.ବ କହିଲେ– ଅତଏବ ସର୍ବପ୍ରଥମେ ଆମ୍ଭକୁ ନିଜର ସୁଧାର କରିବାକୁ ହେବ ଏବଂ ତତ୍ ସହିତ ଦୁଆ କରିବାକୁ ହେବ । ତେବେଯାଇ ଅଲ୍ଲାଃ ଆମକୁ ଚିତସ୍ଥିରତା ପ୍ରଦାନ କରିବେ । ହଜରତ ମସିହ ମଉଦ ଅ.ସ କୁହନ୍ତି– ଏଭଳି ମଣ ନାହିଁ କି ଆମ୍ଭେ ପ୍ରତିଦିନ ଦୁଆ ପ୍ରାର୍ଥନା କରୁଅଛେ ଏବଂ ସମସ୍ତ ନମାଜ ହିଁ ଦୁଆ ଅଟେ ଯାହାକି ଆମେ ପାଠ କରିଥାଉ ଯେହେତୁ ସେହି ଦୁଆ ଯାହାକି ବ୍ରହ୍ମଜ୍ଞାନ ପ୍ରାପ୍ତି କରିବା ଅନ୍ତେ ଓ କୃପା ମାଧ୍ୟମରେ ଉତ୍ପର୍ଣ୍ଣ ହୋଇଥାଏ ଏବଂ ରଙ୍ଗ ଓ ଅବସ୍ଥା ରଖିଥାଏ ତାହା ନିଜକୁ ନାଶ କରିବା ଜିନିଷ ଅଟେ । ତାହା ଉତ୍ସର୍ଗ କରିବା ଅଗ୍ନି ଓ ଦୟାକୁ ଆକର୍ଷିତ କରୁଥିବା ଚୁମ୍ବକୀୟ ଶକ୍ତି ଅଟେ । ତାହା ଏକ ମୃତ୍ୟୁ ଅଟେ କିନ୍ତୁ ଶେଷରେ ଜୀବିତ କରିଥାଏ, ତାହା ଏକ ତୋଫାନ୍ କିନ୍ତୁ ପରିଶେଷରେ ତାହା ଏକ ନୌକା ପାଲଟି ଯାଇଥାଏ । ଆପଣ କୁହନ୍ତି ସମସ୍ତ ପ୍ରକାର ସମସ୍ୟା ଓ ଅସାଧ୍ୟ କାର୍ଯ୍ୟ ତାହା ଦ୍ୱାରା ସହଜ ସରଳ ହୋଇଯାଇଥାଏ ଏବଂ ସମସ୍ତ

ପ୍ରକାର ବିଷ ଶେଷରେ ଅମୃତରେ ରୂପାନ୍ତରିତ ହୋଇଯାଇଥାଏ । ସୁତରାଂ ପ୍ରକୃତ ଦୁଆ ତ ଏଭଳି ପ୍ରଭାବ ପକାଇଥାଏ । ଆପଣ କୁହନ୍ତି ଦୁଆକାରୀଙ୍କୁ ଅଲ୍ଲାଃ ଚମ୍‌କାର ଦେଖାଇଥାନ୍ତି ଏବଂ ଭିକ୍ଷାକାରୀକୁ ଏକ ଅସାଧାରଣ ପୁରସ୍କାର ପ୍ରଦାନ କରାଯିବ । ଦୁଆ ଅଲ୍ଲାଃଙ୍କ ନିକଟରୁ ଆସିଥାଏ ଏବଂ ତାଙ୍କରି ନିକଟକୁ ଫେରିଯାଇଥାଏ । ଦୁଆ କରିବା ଦ୍ୱାରା ଅଲ୍ଲାଃତାଲା ଏଭଳି ନିକଟତର ହୋଇଥାନ୍ତି ଯେଭଳି ତୁମର ପ୍ରାଣବାୟୁ ତୁମ ନିକଟତର । ଦୁଆର ପ୍ରଥମ ପୁରସ୍କାର ଏହି କି ଯେ ମଣିଷ ଅଭ୍ୟନ୍ତରରେ ଏକ ପବିତ୍ର ପରିବର୍ତନ ପରିଲକ୍ଷିତ ହୋଇଥାଏ । ଆପଣ କୁହନ୍ତି- ଦୁଆ ଏକ ଏପରି ରସାୟନ ଯାହାକି ମଣିଷର ଅସ୍ତିତ୍ୱକୁ ସପୂର୍ଣ୍ଣ ରୂପେ ବଦଳାଇ ଦେଇଥାଏ, ତାହା ଏକ ପ୍ରକାର ଜଳ ଯାହାକି ଅଭ୍ୟନ୍ତରିଣ ଆବର୍ଜନାକୁ ପରିସ୍କାର ପରିଚ୍ଛନ୍ନ କରିଦେଇଥାଏ । ଏହି ଦୁଆ ସହିତ ଆତ୍ମା ତରଳି ଯାଇଥାଏ ଏବଂ ଜଳଧାରା ପରି ବହିଯାଇ ଈଶ୍ୱରଙ୍କ ଚରଣରେ ପଡ଼ିଥାଏ । ତାହା ଅଲ୍ଲାଃଙ୍କ ସମ୍ମୁଖରେ ଛିଡ଼ା ହେବା ସହ ରକୁ (ନଇଁ ପଡ଼ିବା) ଓ ନତମସ୍ତକ ହୋଇଥାଏ । ତାହାର ପ୍ରତିଛବି ନମାଜ ଅଟେ । ଯାହାକି ଇସଲାମ ପାଠ କରିବାକୁ ଶିକ୍ଷା ଦେଇଅଛି ଏବଂ ଆତ୍ମାର ଛିଡ଼ା ହେବା ଏହି କି ଯେ ଅଲ୍ଲାଃଙ୍କ ଖାତିର ସମସ୍ତ ପ୍ରକାର କଷ୍ଟ ସହ୍ୟ କରିବା ସହ ତାଙ୍କ ଆଦେଶ ପାଳନ କରିବାକୁ ତତ୍ପରତା ଉତ୍ପର୍ଣ୍ଣ କରିଦେଇଥାଏ । ତାହାର ନଇଁ ପଡ଼ିବାର ଅର୍ଥ ଏହି କି ଯେ, ସେ ସମସ୍ତ ମୋହମାୟା ଓ ସମ୍ପର୍କକୁ ତୁଟାଇ ଈଶ୍ୱରଙ୍କ ନିକଟରେ ନତମସ୍ତକ ହୋଇଥାଏ ଏବଂ ତାଙ୍କରି ହୋଇଯାଇଥାଏ । ତାହାର ନତମସ୍ତକ କରିବା ଅର୍ଥ ଈଶ୍ୱରଙ୍କ ସମିପରେ ପଡ଼ିରହି ନିଜ ଅସ୍ତିତ୍ୱକୁ ସମ୍ପୂର୍ଣ୍ଣ ରୂପେ ହଜାଇ ଦେଇଥାଏ । **ଏପରି ନମାଜ ହିଁ ଈଶ୍ୱରଙ୍କ ସାନିଧ ଲାଭ କରେଇଥାଏ ଏବଂ ଇସଲାମୀୟ ଶରିୟତ୍ ଏହାର ଅବିକଳ ଚିତ୍ର ନମାଜର ବିଭିନ୍ନ ଅବସ୍ଥାରେ ଟାଣିଦେଇଛି । ଯଦ୍ୱାରା ପ୍ରକାଶ୍ୟ ନମାଜ ପାଠ ଆଧ୍ୟାତ୍ମିକ ନମାଜ ପାଠ କରିବାର ଭିତି ସାବ୍ୟସ୍ତ ହେବ ।**

ହଜୁର ଅନଓ୍ୱର ଅ.ବ କହିଲେ- ଅତଃ ଏହା ସେହି ଅବସ୍ଥା ଯାହାକି ଆମକୁ ନିଜ ଭିତରେ ଉତ୍ପର୍ଣ୍ଣ କରିବା ଉଚିତ୍ ଯଦ୍ୱାରା ଆମେ ଦୁଆ ସ୍ୱୀକାର ହେବାର ନିଦର୍ଶନ ଦେଖିପାରିବା । **ରମଜାନର ରୋଜା ରଖିବା ସହିତ ଉପାସନାର ସତ୍ୟାସତ୍ୟରୁ ମଧ୍ୟ ଉପକୃତ ହେବା ଓ ଆମେ ଦୁଆ ସ୍ୱୀକାର ହେବାର ନିଦର୍ଶନ ଦେଖିପାରିବା ।** ଅଲ୍ଲାଃତାଲା ତ ପୂର୍ବରୁ ନିଜ ଭକ୍ତମାନଙ୍କର ଅତ୍ୟନ୍ତ ନିକଟତର, ଏହି ଦିନମାନଙ୍କରେ ତ ସେ ଆହୁରି ଅଧିକ ନିକଟତର ହୋଇଯାଇଥାନ୍ତି । ନିଜ ଫରଜ୍ ଉପାସନା ଓ ନଓ୍ୱାଫିଲ୍‌ରେ ବିଶେଷ ରୂପେ ଅଲ୍ଲାଃଙ୍କ ସମିପରେ ନତମସ୍ତକ ହେବା ଉଚିତ୍ । ହଜରତ ମହମ୍ମଦ ସ.ଅ ଆତ୍ମମାନଙ୍କୁ କହିଛନ୍ତି ଏହି ମାସର ପ୍ରାରମ୍ଭିକ ପର୍ଯ୍ୟାୟ (ଦଶ ଦିନ) ରହମତ୍‌ର ଅଟେ । ମଧ୍ୟବର୍ତୀ ପର୍ଯ୍ୟାୟ ମଗଫିରତ୍ (କ୍ଷମା ଜାଚନା)ର ଅଟେ ଏବଂ ଅନ୍ତିମ ପର୍ଯ୍ୟାୟ ନର୍କରୁ ମୁକ୍ତି ପ୍ରାପ୍ତିର (ମାଧ୍ୟମ) ଅଟେ । ଅଲ୍ଲାଃତାଲା ଆତ୍ମମାନଙ୍କୁ ନିଜ ପ୍ରକୃତ ଭକ୍ତ ହେବାକୁ ତଥା ନି ଦୟା ଓ କ୍ଷମା ପ୍ରଦାନକାରୀ ଚଦରରେ ଘୋଡ଼େଇ ରଖନ୍ତୁ । ଏହି ମାସରୁ ଆମେ ସମୁଚିତ ରୂପେ ଉପକୃତ ହେଉ, ଏହି ଦିନମାନଙ୍କରେ ବିଶେଷ ରୂପେ ଜମାଅତ ପାଇଁ ଦୁଆ କରିବେ । ଅଲ୍ଲାଃତାଲା ଶତ୍ରୁମାନଙ୍କ ମନ୍ଦ ଯୋଜନା ସେହିମାନଙ୍କ ଉପରକୁ ଫେରାଇ ଦିଅନ୍ତୁ । ମୁସଲମାନ ସମ୍ପ୍ରଦାୟ ପାଇଁ ମଧ୍ୟ ଦୁଆ କରିବେ ଅଲ୍ଲାଃତାଲା ସେମାନଙ୍କୁ ଅନ୍ୟାୟ, ଅତ୍ୟାଚାର କରିବା ଓ ପରସ୍ପରର ଶିରଛେଦ କରିବାରୁ ନିବୃତ ରଖନ୍ତୁ । ସେମାନେ ଯୁଗାବତାରଙ୍କୁ ସ୍ୱୀକାର କରିନିଅନ୍ତୁ ଏବଂ ସମଗ୍ର ବିଶ୍ୱରେ ସୁଖଶାନ୍ତିର ପରିବେଶ ପୁନଃ ଫେରିଆସୁ । ସଂସାର ଖୁବ୍ ତିବ୍ର ବେଗରେ ଧ୍ୱଂସଭିମୂଖୀ ଆଡ଼କୁ ବଢିଚାଲିଛି, ଅଲ୍ଲାଃତାଲା ସଂସାରବାସୀଙ୍କୁ ସତ୍‌ବୁଦ୍ଧି ପ୍ରଦାନ କରନ୍ତୁ ସେମାନେ ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନନ୍ତୁ ଯଦ୍ୱାରା ଏହି ଧ୍ୱଂସ ପ୍ରାପ୍ତିରୁ ରକ୍ଷା ପାଇଯିବେ । ଶେଷରେ ହଜୁର ଅନଓ୍ୱର ଅ.ବ ଦୁଇ ଜଣ ମୃତକ ଶ୍ରୀମାନ ଡ଼ାଃ ତାହିର ଅଜିଜ୍ ଅହମଦ ସାହେବ ପିତା ଅରଶଦୁଲ୍ଲାଃ ଭଟି ସାହେବ ଇସଲାମାବାଦ ନିବାସୀ ଓ ଡ଼ାଃ ଇଫତେଖାର୍ ଅହମଦ ସାହେବ ପିତା ଡ଼ାଃ ଖାଓ୍ୱାଜା ନଜିର ଅହମଦ ସାହେବ ଆମେରିକା ନିବାସୀଙ୍କ ଉତମ ଚରିତ୍ର ଚର୍ଚ୍ଚା କଲେ ଏବଂ ନମାଜ ଜୁମା ପାଠ କରିବା ଅନ୍ତେ ସେମାନଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।